ପୂର୍ଣ୍ଣ ଚନ୍ଦ୍ର ନନ୍ଦ

ବନାମ

ଓଡ଼ିଶା ରାଜ୍ୟ ଏବଂ ଅନ୍ୟ ଜଣେ

ମଇ 1,1996

[କେ. ରାମାସ୍ୱାମୀ ଏବଂ ସୁଜାତା ଭି. ମନୋହର, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ :*

*ସମାନ କାର୍ଯ୍ୟ ପାଇଁ ସମାନ ବେତନ—ଓଡ଼ିଶା ସରକାରଙ୍କ ଅଧୀନରେ ଦୁଗ୍ଧଗାର ତତ୍ତ୍ୱାବଧାରକ—1969 ମସିହାରେ ଦୁଗ୍ଧଗାର ପର୍ଯ୍ୟବେକ୍ଷକ ଭାବରେ ପଦୋନ୍ନତି ପାଇଥିବା ଏବଂ ଫାର୍ମ ପରିଚାଳକ ଭାବରେ ନିଯୁକ୍ତ ହୋଇଥିବାର ଦାବି—ଫାର୍ମ ପରିଚାଳକ ହିସାବରେ ବେତନ ପାଇଁ ଦାବି—ନିର୍ଣ୍ଣୟ, ଫାର୍ମ ପରିଚାଳକ ହେଉଛି ଦ୍ୱିତୀୟ ଶ୍ରେଣୀ ପଦବୀ--ଆବେଦନକାରୀ 1977 ମସିହାରେ ବି. ଭି. ଏସ୍. ସ୍ନାତକ ହାସଲ କରିଥିଲେ ଏବଂ ଏହି ଆଧାରରେ ତାଙ୍କୁ ଦ୍ୱିତୀୟ ଶ୍ରେଣୀ ରାଜପତ୍ରଭୁକ୍ତ ପଦବୀ ଲାଗୁ ହେଉଥିବା ବେତନ ହାର ପ୍ରଦାନ କରାଯାଇଥିଲା—ସେ 1969 ରୁ 1977 ମସିହା ପର୍ଯ୍ୟନ୍ତ ଫାର୍ମ ପରିଚାଳକଙ୍କ ସମକକ୍ଷ ବେତନ ଦାବି କରିପାରିବେ ନାହିଁ—ସମାନ କାମ ପାଇଁ ସମାନ ବେତନ ନୀତିକୁ ଉଚ୍ଚ ସବର୍ଗ ସେବାରେ ପହଞ୍ଚିବା ପାଇଁ ଢାଲ ଭାବେ ବ୍ୟବହାର କରାଯାଇପାରିବ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 509/1992 ।

ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ, ଭୁବନେଶ୍ୱରଙ୍କ ଟି. ଏ. ସଂଖ୍ୟା 302/1986 ରେ 13.9.91 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ପି. ଏନ୍. ମିଶ୍ର ।

ପ୍ରତିବାଦୀମାନଙ୍କ ପାଇଁ ଏ. କେ. ପଣ୍ଡା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ ଙ୍କ ଟି.ଏ. ସଂଖ୍ୟା 302/86 ରେ ସେପ୍ଟେମ୍ବର 13,1991 ତାରିଖର ଆଦେଶରୁ ଉତ୍ପନ୍ନ ହୋଇଛି । ଗୃହୀତ ସ୍ଥିତି ହେଉଛି ଯେ, ଆବେଦନକାରୀଙ୍କୁ 10.10.1958 ତାରିଖରେ ପଶୁ ଚିକିତ୍ସା ସମ୍ପ୍ରସାରଣ ଅଧିକାରୀ ଭାବରେ ନିଯୁକ୍ତ କରାଯାଇଥିଲା । ଏହାପରେ 1965 ମସିହାରେ, ତାଙ୍କୁ ରାଉରକେଲାଠାରେ ଦୁଗ୍ଧ ସେବା ଯୋଜନାର ପର୍ଯ୍ୟବେକ୍ଷକ ଭାବେ ଖପୁରିଆରେ ପଶୁମାନଙ୍କ ଦାୟିତ୍ୱ ନେବାରେ ନିଯୁକ୍ତ କରାଯାଇଥିଲା ।

ସେ 1969 ମସିହାରେ ମଧ୍ୟ ଦୁଗ୍ଧ ତତ୍ତ୍ୱାବଧାରକ ଭାବେ ନିଯୁକ୍ତ ହୋଇଥିଲେ । ଆବେଦନକାରୀ ଦାବି କରିଛନ୍ତି ଯେ ତାଙ୍କୁ 26.11.1969 ତାରିଖରେ ଦୁଗ୍ଧଗାର ପର୍ଯ୍ୟବେକ୍ଷକ ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା ଏବଂ ଜିଲ୍ଲା ପଶୁପାଳନ ସଂସ୍ଥାରେ ଫାର୍ମ ପରିଚାଳକ ଭାବରେ ନିଯୁକ୍ତ କରାଯାଇଥିଲା । ସେ ଦାବି କରିଥିଲେ ଯେ 1969 ରୁ 1974 ମସିହା ପର୍ଯ୍ୟନ୍ତ ଏବଂ 1974ରୁ 1977 ମସିହା ପର୍ଯ୍ୟନ୍ତ ଫାର୍ମ ପରିଚାଳକ ଭାବେ, ସମାନ କାର୍ଯ୍ୟ ପାଇଁ ସମାନ ବେତନ ପାଇବାର ଅଧିକାରୀ ଅଟନ୍ତି । ଏହା ଏକ ସ୍ୱୀକୃତ ସ୍ଥିତି ଯେ 1977 ମସିହାରେ ସେ ବି.ଭି.ଏସ୍. ସ୍ନାତକ ହାସଲ କରିଥିଲେ ଏବଂ ସ୍ନାତକ ହାସଲ କରିବା ପରେ ତାଙ୍କୁ 1.7.77 ତାରିଖରୁ ଦ୍ୱିତୀୟ ଶ୍ରେଣୀ ରାଜପତ୍ରଭୁକ୍ତ ହାର ପାଇଁ ଲାଗୁ ହେଉଥିବା ବେତନ-ହାର ବାବଦରେ 525-975 ଟଙ୍କା ପ୍ରଦାନ କରାଯାଇଥିଲା । ଫାର୍ମ ପରିଚାଳକ ଏକ ଦ୍ୱିତୀୟ ଶ୍ରେଣୀ ପଦବୀ ଅଟେ । ନ୍ୟାୟାଧିକରଣ ଆଦେଶରେ ସୂଚିତ କରିଛନ୍ତି ଯେ, ଯଦିଓ ଫାର୍ମ ପରିଚାଳକ ଏକ ଆନ୍ତଃ-ପରିବର୍ତ୍ତନଶୀଳ ପଦବୀ, ଏହା ରାଜପତ୍ରଭୁକ୍ତ ସବର୍ଗ ଏବଂ ଆବେଦନକାରୀଙ୍କ ଦ୍ୱାରା କର୍ମଚ୍ୟୁତି ତତ୍କାଳୀନ ପଦବୀ ମଧ୍ୟରେ ମଧ୍ୟସ୍ଥି ନୁହେଁ । ଏଥିରେ ଦର୍ଶାଯାଇଛି ଯେ, ଦୁଗ୍ଧଗାର, ଶାଖାର ଦୁଗ୍ଧଗାର ବିଭାଗରେ ଏହି ସେବାରେ ଦୁଗ୍ଧଗାର ତତ୍ତ୍ୱବିଧାରକ, ଦୁଗ୍ଧଗାର ପର୍ଯ୍ୟବେକ୍ଷକ ଏବଂ ଦୁଗ୍ଧଗାର ନିରୀକ୍ଷକ ଅଛନ୍ତି, ଯାହାଙ୍କ ମଧ୍ୟରୁ ଶେଷଟି ଏକ ରାଜପତ୍ରଭୁକ୍ତ ପଦବୀ ସହ ସମାନ । ଫାର୍ମ ପରିଚାଳକ ପଦବୀଟି ପଦଟିର ଆବଶ୍ୟକତା ଉପରେ ନିର୍ଭର କରି ଉଭୟ ଦ୍ୱିତୀୟ ଏବଂ ପ୍ରଥମ ଶ୍ରେଣୀର ଅଧିକାରୀଙ୍କ ଦ୍ୱାରା କର୍ମନିର୍ବାହ ହୋଇଥାଏ ।

ଆବେଦନକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ ମିଶ୍ର, ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନ ଓ. ଜେ. ସି. ସଂଖ୍ୟା 1189/73 ଓ ଅନ୍ୟାନ୍ୟ ମାମଲାରେ ଫାର୍ମ ପରିଚାଳକ ପଦବୀ ରାଜପତ୍ରଭୁକ୍ତ ସବର୍ଗର ପଦୋନ୍ନତି ପାଇଁ ଏକ ମଧ୍ୟସ୍ଥି ପଦବୀ ବୋଲି ନିର୍ଣ୍ଣୟ କରିଥିବା ଯୁକ୍ତି କରିଥିଲେ । ସେହି ପଦବୀରେ ଥିବା ସମସ୍ତ ବ୍ୟକ୍ତି ସମାନ ଦରମା ପାଇବାକୁ ହକଦାର । ଏହି ଆଦେଶ ଏହି ନ୍ୟାୟାଳୟ ଦ୍ୱାରା ଏସ୍ ଏଲ୍ ପି କୁ ବରଖାସ୍ତ କରି ଚୂଡ଼ାନ୍ତ ହୋଇଥିଲା । ଫଳସ୍ୱରୂପ, ଆବେଦନକାରୀ ଜଣେ ଫାର୍ମ ପରିଚାଳକ ପଦବୀରେ ରହି ସମାନ ଦରମା ପାଇବାକୁ ହକଦାର ଅଟନ୍ତି । ନ୍ୟାୟାଧିକରଣ ଏବଂ ଏହି ନ୍ୟାୟାଳୟରେ  ଦାଖଲ ହୋଇଥିବା ପାଲଟା-ସତ୍ୟପାଠରେ ସରକାର ଦର୍ଶାଇଛନ୍ତି ଯେ, ଏହି ପଦବୀଧାରୀଙ୍କ ଭିନ୍ନ ଭିନ୍ନ ବେତନ ହାର ରହିଛି । କେବଳ ଫାର୍ମ ପରିଚାଳକଭାବେ ଏହି ପଦବୀ ଧାରଣ କରିବାର ଆବଶ୍ୟକତା ଉକ୍ତ ପଦବୀଧାରୀଙ୍କୁ ସେହି ସମାନ ବେତନ ପାଇବାକୁ ହକଦାର କରେ ନାହିଁ ଯାହା ଏକ ଦୁଗ୍ଧଗାର ପର୍ଯ୍ୟବେକ୍ଷକ ଭାବରେ ସେହି ପଦବୀରେ ଥିବା ବ୍ୟକ୍ତିଙ୍କ ପାଇଁ ଗ୍ରହଣୀୟ ନଥିଲା । ଏହା ଦର୍ଶାଯାଇଛି ଯେ, ରାଜପତ୍ରଭୁକ୍ତ କିମ୍ବା ଅଣ-ରାଜପତ୍ରଭୁକ୍ତ  ସବର୍ଗ ଅନୁଯାୟୀ ବେତନର ହାର ଭିନ୍ନ ଭିନ୍ନ ହୋଇଥାଏ । ଏହି ନ୍ୟାୟାଳୟରେ ଦାଖଲ ହୋଇଥିବା ପାଲଟା-ସତ୍ୟପାଠର ଅନୁଚ୍ଛେଦ 7 ରେ, ସେମାନେ ଫାର୍ମ ଶାଖା ଏବଂ ଦୁଗ୍ଧଗାର ଶାଖାରେ

ବ୍ୟକ୍ତିଙ୍କ ଦ୍ୱାରା ଧାରଣ କରାଯାଇଥିବା ବିଭିନ୍ନ ପଦବୀ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୋହରାଇଛନ୍ତି । କେବଳ ଏହି ପଦବୀଗୁଡ଼ିକ ଫାର୍ମ ପରିଚାଳକ ଭାବେ ପରସ୍ପର ପରିବର୍ତ୍ତନଶୀଳ ହୋଇଥିବାରୁ, ସେମାନେ ସ୍ୱୟଂଚାଳିତ ଭାବେ ଏହି ପଦବୀଧାରୀ ହେବା ଏବଂ ସମାନ ବେତନହାର ପାଇବା ପାଇଁ ଅଧିକାରୀ ହୋଇପାରିବେ ନାହିଁ । ଏହି ପ୍ରସଙ୍ଗର ତାତ୍ପର୍ଯ୍ୟ ହେଉଛି ଯେ ବେତନର ହାର ଭିନ୍ନ ଏବଂ ସମାନ ବେତନ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ହେଉଛି ଆବେଦନକାରୀଙ୍କୁ ଧାଡ଼ିରେ ଡେଇଁବା ଏବଂ ଏକ ଉଚ୍ଚ ସୋପାନରେ ପହଞ୍ଚିବାକୁ ଅନୁମତି ଦେବା । ତେଣୁ ନ୍ୟାୟାଧିକରଣ ଆବେଦନକାରୀ ଯେଉଁ ଦିନ ତାଙ୍କ ବରିଷ୍ଠତା ଅନୁଯାୟୀ ଯୋଗ୍ୟ ନଥିଲେ, ସେହି ଦିନ ସମାନ ପରିମାଣର ବେତନ ପ୍ରଦାନ କରିବାକୁ ମନା କରିଦେବା ଯଥାର୍ଥ ଥିଲା । ଯଦିଓ ଶ୍ରୀ ମିଶ୍ର ଯୁକ୍ତି ବାଢ଼ିଥିଲେ ଯେ, ଆବେଦନକାରୀଙ୍କୁ ଫାର୍ମ ପରିଚାଳକ ପଦକୁ ପଦୋନ୍ନତି ଦିଆଯାଇଥିଲା, ତଥାପି ଆମେ ନଥିରେ କୌଣସି ଗ୍ରହଣୀୟ ତଥ୍ୟ ପାଇନାହୁଁ ଯାହା ଏହି ସିଦ୍ଧାନ୍ତରେ ପହଞ୍ଚିପାରିବ ଯେ ସେ ନିଜସ୍ୱ ଅଧିକାରରେ ଦ୍ୱିତୀୟ ଶ୍ରେଣୀ ରାଜପତ୍ରଭୁକ୍ତ ପଦବୀରେ ଥିଲେ । ଏହି ପରିସ୍ଥିତିରେ ପଦୋନ୍ନତି ଏବଂ ବରିଷ୍ଠତା ନିୟମ ଅନୁଯାୟୀ ଉଚ୍ଚ ସବର୍ଗ ସେବାରେ ପହଞ୍ଚିବା ପାଇଁ ସମାନ କାମ ପାଇଁ ସମାନ ଦରମା ନୀତିକୁ ଢାଲ ଭାବରେ ବ୍ୟବହାର କରାଯାଇପାରିବ ନାହିଁ । ସମାନ ଲାଭ ନଦେଇ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ପୃଥକ କରିବାରେ ନ୍ୟାୟାଧିକରଣ ଉଚିତ କାରଣ ଦର୍ଶାଇଛନ୍ତି ।

ତଦନୁସାରେ ଆବେଦନକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷା ରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣ ଟିପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା

ସଙ୍ଗୀତା ସେନାପତି

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ